## ବନବିଭାଗ ବାଣ୍ଟିଲା କୁକୁଡ଼ା ଛୁଆ

ଜୟପୁର, (ଡି.ଏନ.ଏ)-କୋରାପୁଟ ଜିଲା ଜୟପୁର ବନାଞ୍ଚଳ ପକ୍ଷରୁ ସ୍ଥାନୀୟ ମୁଣ୍ଡିଗୁଡା ଗ୍ରାମଠାରେ ବନ ସୁରକ୍ଷା ସମିତି ସହାୟତାରେ ଜଙ୍ଗଲ ଏବଂ ବନ୍ୟଜନ୍ତୁଙ୍କ ସୁରକ୍ଷା ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଶନିବାର ହୋଇଥିଲା। ଗ୍ରାମରେ ୩୫ ପରିବାରକୁ ପ୍ରତ୍ୟେକ ୨ଟି ଲେଖାଏଁ କୁକୁଡା ଛୁଆ ବଣ୍ଟନ କରାଯାଇଥିଲା। ଏହି କୁକୁଡା ପାଳନ କରି ଗ୍ରାମବାସୀ ଆତ୍ମନିର୍ଭରଶୀଳ ହୋଇପାରିବେ ବୋଲି ବକ୍ତାମାନେ ପ୍ରକାଶ କରିଥିଲେ। ମୁଖ୍ୟ ଅତିଥି ଭାବେ ଡିଏଫ୍ଓ ନାୟକ ଜଗଦୀଶ ପ୍ରସାଦ ସିଂ,ସମ୍ମାନିତ ଅତିଥି ରୂପେ ଏସିଏଫ ସୁବାଷ ଚନ୍ଦ୍ର ଖୁଣ୍ଟିଆ, ପ୍ରଦ୍ୟୁତ୍ତ ମିଶ୍ର, ଯୋଜନାର ସଂଯୋଜକ ଶକ୍ତିପ୍ରସାଦ ନାୟକ, ବନପାଳ ଦୁର୍ଯ୍ୟୋଧନ ଗଣ୍ଡ, ଗ୍ରାମ ବିକାଶ ସଙ୍ଗଠନର ଦଳପତି ଆରତି ଦାସ, ସୁରକ୍ଷା ସମିତିର ସଭାପତି ପର୍ଶୁରାମ ନାୟକ ଉପସ୍ଥିତ ଥିଲେ।

**ସଂକ୍ଷେପରେ**

### ମଙ୍ଗଳବାର ଖୋଲିବ ଏସ୍‌ବିଆଇ କର୍ମଚାରୀଙ୍କୁ କରୋନା

ଝରିଗାଁ, ୮।୧୧(ସ୍ୱ.ପ୍ର.)- ନବରଙ୍ଗପୁର ଜିଲା ଝରିଗାଁ ସଦର ମହକୁମାସ୍ଥିତ ଭାରତୀୟ ଷ୍ଟେଟ୍ ବ୍ୟାଙ୍କରେ କାର୍ଯ୍ୟରତ ଜଣେ କର୍ମଚାରୀ ଶନିବାର କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାପରେ ଉକ୍ତ ବ୍ୟାଙ୍କକୁ ସୋମବାର ପର୍ଯ୍ୟନ୍ତ ବନ୍ଦ ରଖାଯାଇଛି ବୋଲି ଶାଖା ପରିଚାଳକ ପ୍ରଭାତ କୁମାର ସାହୁ ସୂଚନା ଦେଇଛନ୍ତି। ରବିବାର ସକାଳୁ ଅଗ୍ନିଶମ ବିଭାଗ କର୍ମଚାରୀ ବ୍ୟାଙ୍କକୁ ସାନିଟାଇଜ୍ କରିଛନ୍ତି। ସମ୍ପୃକ୍ତ କର୍ମଚାରୀଙ୍କ ସଂସ୍ପର୍ଶରେ ଆସିଥିବା ଗ୍ରାହକ କରୋନା ଟେଷ୍ଟ କରନ୍ତୁ ବୋଲି ବ୍ୟାଙ୍କ ମ୍ୟାନେଜର ଅନୁରୋଧ କରିଛନ୍ତି।

### ଶ୍ମଶାନ ପରିସର ସଫା କଲେ ବିଧାୟକ

ଉମରକୋଟ,୮।୧୧-ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ ରବିବାର ସ୍ଥାନୀୟ ଶ୍ମଶାନ ସଫା କରିଛନ୍ତି। ସେ ଉମରକୋଟ ଭାଲୁଗୁଡାସ୍ଥିତ ଶ୍ମଶାନ ପରିସରରେ ଥିବା ଅନାବନା ଗଛ କାଟି ସଫା କରିଥିଲେ। ଶ୍ମଶାନସ୍ଥିତ ଦରକାରୀ ଗଛଗୁଡ଼ିକର ଯତ୍ନ ନେଇଥିଲେ। ସ୍ଥାନୀୟ ଯୁବକମାନେ ଏହି କାମରେ ବିଧାୟକଙ୍କୁ ସହଯୋଗ କରିଥିଲେ। ବିଧାୟକଙ୍କ ଏଭଳି କାର୍ଯ୍ୟକୁ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି। ସୂଚନାଅନୁଯାୟୀ, ବିଧାୟକ ନିତ୍ୟାନନ୍ଦ ଗଣ୍ଡ ଉମରକୋଟ ବିଧାୟକ ନ ହେବା ପୂର୍ବରୁ ସ୍ଥାନୀୟ ଯୁବକଙ୍କ ସହଯୋଗରେ ସେ ଏହି ଶ୍ମଶାନରେ ଏକ ପୋଖରୀ ଖୋଳିବା ସହ ରାସ୍ତା ନିର୍ମାଣ କରିଥିଲେ। ପ୍ରକାଶ ଯେ, ଉମରକୋଟ ବିଧାୟକ କିଛି ଦିନ ତଳେ ନିଜ ଜମିରେ ସ୍ତ୍ରୀଙ୍କ ସହ ଧାନ କାଟି ଚର୍ଚ୍ଚାରେ ଆସିଥିଲେ।

### ଶର୍ଟସର୍କିଟରୁ ଜଳିଗଲା ଆସବାବପତ୍ର

ଉମରକୋଟ,୮।୧୧-ଉମରକୋଟ ସହର ଭାଲୁଗୁଡାର ପ୍ରେମ ହରିଜନଙ୍କ ଘରେ ଶର୍ଟସର୍କିଟରୁ ନିଆଁ ଲାଗି ଦୁଇ ଲକ୍ଷ ଟଙ୍କାର ଆସବାବପତ୍ର ପୋଡିଯାଇଛି। ଘରେ ଥିବା ଆଲମାରୀ, ମୋବାଇଲ ଫୋନ, ଖଟ, ନଗଦ କୋଡିଏ ହଜାର ଟଙ୍କା ସହ ଅନେକ କିଛି ଜଳି ଯାଇଥିବା ପ୍ରେମ ହରିଜନ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ରବିବାର ସକାଳୁ ଶର୍ଟସର୍କିଟରୁ ନିଆଁ ଲାଗିଯାଇଥିଲା। ଘରେ ନିଆଁ ଲାଗିବା ଦେଖି ଅଗ୍ନିଶମ ବିଭାଗକୁ ଖବର ଦିଆଯାଇଥିଲା । ଖବରପାଇ ଅଗ୍ନିଶମ ବିଭାଗ କର୍ମଚାରୀ ସେଠାରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

### ଚାଷୀଙ୍କୁ ଫଳଚାରା ପ୍ରଦାନ

ଚନ୍ଦ୍ରପୁର,୮।୧୧(ଡି.ଏନ୍.ଏ.)- ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ୍ ସଦରସ୍ଥିତ ଓଡ଼ିଶା ଜୀବିକା ମିଶନ(ଓଏଲ୍ଏମ୍) ପକ୍ଷରୁ ଶନିବାର ଚନ୍ଦ୍ରପୁର ପଞ୍ଚାୟତର ୩୬୦ ଚାଷୀଙ୍କୁ ବିଭିନ୍ନ ଫଳ ଚାରା ପ୍ରଦାନ କରାଯାଇଛି। ମୋ ଉପକାରୀ ବଗିଚାରେ ଲଗାଇବା ନିମନ୍ତେ ୩୬୦ କଦଳୀ ଚାରା ଏବଂ ୩୬୦ ଲେମ୍ବୁ ଚାରା ମାଗଣାରେ ଦିଆଯାଇଥିବା ଓଏଲ୍ଏମ୍‌ର ବିପିଏମ୍ ଶ୍ରବଣ କୁମାର ସିଂ କହିଛନ୍ତି। ସମସ୍ତ ଚାଷୀଙ୍କ ଉପସ୍ଥିତିରେ ଚାରାଗୁଡ଼ିକୁ ସରପଞ୍ଚ ସୁଜିତ କୁମାର ବ୍ରେଡେକା, ବିପିଏମ୍ ସିଂ, କୃଷି ମିତ୍ର ମିଲି ବ୍ରେଡେକା, ଓଏଲ୍ଏମ୍‌ର ବିଏଲ୍ଆର୍‌ପି ଶୁକ୍ରୁ ଦାସ ଉପସ୍ଥିତ ରହି ଚାରା ପ୍ରଦାନ କରିଛନ୍ତି। ବ୍ଲକ୍‌ର ଆଉ ୭ ପଞ୍ଚାୟତରେ ମଧ ଚାଷୀଙ୍କ ଉପକାରୀ ବଗିଚା ନିମନ୍ତେ ଚାରା ଦିଆଯାଉଥିବା ସୂଚନା ମିଳିଛି।

### ଯୋଦ୍ଧାଙ୍କୁ ସମ୍ବର୍ଦ୍ଧନା, ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମ

ଦାମନଯୋଡି,୮।୧୧(ଡି.ଏନ.ଏ.)- ମାଥାଲପୁଟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ରବିବାର କରୋନା ଯୋଦ୍ଧାଙ୍କୁ ସମ୍ବର୍ଦ୍ଧନା ଓ ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାମଜିକ କର୍ମୀ ହରିବନ୍ଧୁ ବିଶ୍ୱାଳ ମୁଖ୍ୟଅତିଥି ରୂପେ ଯୋଗଦେଇଥିଲେ। ଏହି ଅବସରରେ ଦାମନଯୋଡି ଥାନା ଅଧିକାରୀ ସମ୍ବିତ୍ ବେହେରା, ସେମିଳିଗୁଡା ଥାନା ଅଧିକାରୀ ଧୀରେନ୍ଦ୍ର କୁମାର ବେହେରା, ଡାକ୍ତର ସୌଭାଗ୍ୟ ପ୍ରସାଦ ରାଓ, ଡାକ୍ତର ମର୍ଶାଲିନ୍ ବିବାଳ, ଖବରଦାତା ନରସିଂହ ବ୍ରହ୍ମାପୀତାମ୍ବର ସାହୁ, ସୋମନାଥ ସାମନ୍ତରାୟ, ସୁରେନ୍ଦ୍ର କହଁର, ରାଜେନ୍ଦ୍ର ପାତ୍ର, ଜିତେନ୍ଦ୍ର ତ୍ରିପାଠୀଙ୍କୁ କରୋନା ଯୋଦ୍ଧା ରୂପେ ସମ୍ବର୍ଦ୍ଧିତ କରାଯାଇଛି। ବ୍ରହ୍ମପୁରର ରେସପର୍ଡ ଟ୍ରଷ୍ଟ ଓ ଦାମନଯୋଡିର ରାଷ୍ଟ୍ରଦୀପ ପ୍ରଚାର ସମିତି ପକ୍ଷରୁ ହୋଇଥିବା ଏହି କାର୍ଯ୍ୟକ୍ରମରେ ସୁରେନ୍ଦ୍ର କହଁରଙ୍କ ୨ଟି ପୁସ୍ତକ ଉନ୍ମୋଚନ ହୋଇଥିଲା।

### ବିଏସ୍ଏଫ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ

ମାଲକାନଗିରି,୮।୧୧(ଡି.ଏନ୍.ଏ.)- ମାଲକାନଗିରି ଜିଲା ସଦର ମହକୁମା ଚିକିତ୍ସାଳୟଠାରେ ଏମ.ଭି-୩ସ୍ଥିତ ବିଏସ୍ଏଫ୍ କ୍ୟାମ୍ପ ପକ୍ଷରୁ ରବିବାର ସ୍ୱଚ୍ଛ ଭାରତ ଅଭିଯାନ ମାଧମରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ୧୬୦ ବାଟାଲିୟନର ଡେପୁଟି କମାଣ୍ଡାଣ୍ଟ ଦୀପକ ମହାନ୍ତିଙ୍କ ନେତୃତ୍ୱରେ ଶତାଧିକ ବିଏସ୍ଏଫ ଯବାନ ଜିଲା ସଦର ମହକୁମା ଚିକିତ୍ସାଳୟର ନାଳ ନର୍ଦ୍ଦମା ଓ ଚିକିତ୍ସାଳୟ ପରିସର ସଫେଇ କରିଥିଲେ ।

# ଆନ୍ଧ୍ରର ୫ ଗ୍ରାମର ଗ୍ରାମବାସୀଙ୍କ ଓଡ଼ିଶା ଭିତରେ ଜବରଦଖଲ

ପଟ୍ଟାଙ୍ଗୀ,୮।୧୧(ଡି.ଏନ.ଏ.)



ଆନ୍ଧ୍ର ପକ୍ଷରୁ ଓଡିଶା ବର୍ଡରରେ ମରାଯାଇଥିବା ଫଳକ ।

- ବଢୁଛି ଆନ୍ଧ୍ର-ଓଡ଼ିଶା ଗ୍ରାମବାସୀଙ୍କ ମଧ୍ୟରେ ବିବାଦ
- ପ୍ରଶାସନ ପକ୍ଷରୁ ଆଲୋଚନା ଫଳପ୍ରଦ ହୋଇନାହିଁ
- ଜମି ନିକଟକୁ ଆସିଲେ ମିଳୁଛି ଧମକ

ଆନ୍ଧ୍ରର ବିଶାଖାପାଟଣା ଜିଲା ଡୁମୁରିଗୁଡା ବ୍ଲକର ବିଚୁଗାଣ୍ଡା, କଲାପୁଟ, ଡେକାପାର, ବଡଲାମୁଗୁଡା ଓ ନିତମ୍ବା ଗ୍ରାମର ଗ୍ରାମବାସୀ ଓଡ଼ିଶା ସୀମାନ୍ତରେ ଥିବା ସୁନାବେଡା ଓ ଜାମୁଗୁଡା ଗ୍ରାମର ଚାଷ ଜମି ଓ ଡଙ୍ଗରକୁ ଜବରଦଖଲ କରି ନିଜ ଅଧୀନରେ ରଖିଛନ୍ତି। ଏହା କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ଅନ୍ତର୍ଗତ ସମ୍ଭାଇ ପଞ୍ଚାୟତର ୧୧ ନଂ ୱାର୍ଡରେ ରହିଛି। ଏନେଇ ସମ୍ଭାଇ ସରପଞ୍ଚ ପିଲକ ଗୁଣ୍ଟା ଓ ସୁନାବେଡା ଗ୍ରାମବାସୀ ବିଭିନ୍ନ ସମୟରେ ବ୍ଲକଠାରୁ ଆରମ୍ଭ କରି ଜିଲା ପ୍ରଶାସନକୁ ଲିଖିତ ଭାବେ ଜଣାଇବା ପରେ କୋରାପୁଟ ଉପଜିଲାପାଳ ପହଞ୍ଚି ଲାଗି ରହିଥିବା ବିବାଦ ସମାଧାନ କରିଥିଲେ ମଧ ଏହା ଫଳପ୍ରଦ ହୋଇନାହିଁ । ୱାର୍ଡସଭ୍ୟ ମୁସୁରି ତାଉଡୁଙ୍କ କହିବା ଅନୁଯାୟୀ ଦୀର୍ଘ ୪୦ ବର୍ଷ ତଳେ ଆନ୍ଧ୍ର ସରକାରଙ୍କ ଜଙ୍ଗଲ ବିଭାଗ ପକ୍ଷରୁ ଓଡ଼ିଶା ସୀମାନ୍ତରେ ଥିବା ପାହାଡ଼ରେ ଶାଗୁଆନ ଗଛ ସମେତ ବିଭିନ୍ନ ଗଛ ଲଗାଇ ଜଙ୍ଗଲ ସୃଷ୍ଟି କରିଥିଲେ। ଏହାକୁ ଦୃଷ୍ଟିରେ ରଖି ଆନ୍ଧ୍ରର ଉପରୋକ୍ତ ୫ଟି ଗ୍ରାମର ଗ୍ରାମବାସୀ ଏହା ଆମ ଜମି ତୁମେମାନେ କାହିଁକି ଚାଷ କରୁଛ କହି ଜବରଦଖଲ କରିଛନ୍ତି। ସେମାନେ ଜମିରେ ଚାଷ କରିବା ପରଠାରୁ ଆମକୁ ଉକ୍ତ ଜମି ପାଖକୁ ଯିବା ବନ୍ଦ କରି ଦେଇଥିବା ପ୍ରକାଶ କରିଥିଲେ । ଏପରି କି ଆନ୍ଧ୍ର ସୀମାନ୍ତକୁ ଲାଗି ରହିଥିବା ଚାଷ ଜମିକୁ ଆସିଲେ ତୁମମାନଙ୍କୁ ଜୀବନରୁ ମାରିଦେବୁ ବୋଲି ଧମକ ଦେବା ପରେ ସୁନାବେଡା ଗ୍ରାମର ଶୁକ୍ରୁ ଶିନାୟାଙ୍କ ନାମରେ ଥିବା ୮ ଏକର ୬୫ ଡେସିମିଲି ଜମିକୁ ସେ ଭୟରେ ଯିବା ବନ୍ଦ କରିଦେଇଛନ୍ତି। ଏପରି ସମସ୍ୟାକୁ ଦୃଷ୍ଟିରେ ରଖି ୨୪।୧୦।୨୦ରେ ଉପଜିଲାପାଳ ଲଳିତ ମୋହନ କଅଁର, ସ୍ଥାନୀୟ ଅତିରିକ୍ତ ତହସିଲଦାର ମହାଦେବ ଭତ୍ରା ଓ ରାଜସ୍ୱ ନିରୀକ୍ଷକଙ୍କୁ ନେଇ ଘଟଣା ସ୍ଥଳରେ ପହଞ୍ଚି ଲାଗି ରହିଥିବା ବିବାଦକୁ ସମାଧାନ କରିବାକୁ ଉଦ୍ୟମ କରିଥିଲେ ମଧ ଆନ୍ଧ୍ରରୁ ଆସି ରହିଥିବା ଗ୍ରାମବାସୀ ଏ ଦିଗରେ ସହଯୋଗ କରି ନ ଥିଲେ। ପରେ ଉପଜିଲାପାଳଙ୍କ ନିର୍ଦ୍ଦେଶରେ ଆରଡି ବିଭାଗ ପକ୍ଷରୁ ଏକ ସୀମାନ୍ତ ନାମ ଫଳକ ଲଗାଯାଇଥିଲା। ଏହି ଫଳକକୁ ଆନ୍ଧ୍ରର ଗ୍ରାମବାସୀ ଭାଙ୍ଗି ଦେଇ ଓଡିଶାର ୬୦୦ ମିଟର ଭିତରକୁ ପ୍ରବେଶ କରି ଜୋର ଜବରଦସ୍ତ ଏକ ନାମ ଫଳକ ଲଗାଇଥିବା ଦେଖିବାକୁ ମିଳିଛି । ଏପରି ଜବରଦଖଲକୁ ଦେଖି ସମ୍ଭାଇ ସରପଞ୍ଚ ପିଲକ ଗୁଣ୍ଟା ପ୍ରତିବାଦ କରିବାରୁ ତାଙ୍କୁ ଜୀବନରୁ ମାରି ଦେବାକୁ ଆନ୍ଧ୍ରର ଗ୍ରାମବାସୀ ଧମକ ଦେଇଛନ୍ତି। ପୁକାଲି ରାଜସ୍ୱ ନିରୀକ୍ଷକ ଶୋଭା ହରିଜନଙ୍କୁ ଆନ୍ଧ୍ରର ବାସୁପୁଟ ଗ୍ରାମରେ ବାସ କରୁଥିବା ଡୁମୁରିଗୁଡା ବ୍ଲକର ଏସ୍.ଭିମା ରାଜୁ ତୁମେ କୌଣସି ଦଖଲ ବାଜି କଲେ ତୁମକୁ ଗୁଳିକରି ଜୀବନରୁ ମାରିଦେବୁ ବୋଲି କହିଛନ୍ତି। ଏ ସମ୍ପର୍କରେ ଶୋଭା ଜିଲା ପ୍ରଶାସନକୁ ଜଣାଇଛନ୍ତି। ଏପରି ସମସ୍ୟା ନେଇ ଉଭୟ ଆନ୍ଧ୍ର-ଓଡ଼ିଶା ଗ୍ରାମବାସୀଙ୍କ ମଧ୍ୟରେ ବିବାଦ ଘନଉଥିବାବେଳେ ପ୍ରଶାସନିକ ସ୍ତରରେ ନୀରବତା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

## କାଶୀପୁରରେ ଡିଗ୍ରୀ କଲେଜ ଖୋଲିବା ନେଇ ଆଲୋଚନା

ଟିକିରି,୮।୧୧(ଡି.ଏନ୍.ଏ.)

ରାୟଗଡ଼ା ଜିଲା କାଶୀପୁରଠାରେ ଡିଗ୍ରୀ କଲେଜ ଖୋଲିବା ନେଇ ରବିବାର ଏକ ବୈଠକ ସ୍ଥାନୀୟ ହନୁମାନ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଡିଗ୍ରୀ କଲେଜ ପ୍ରତିଷ୍ଠା ଆବାହକ ମଞ୍ଚ ପକ୍ଷରୁ କାଶୀପୁର ରାଜ ପରିବାରର ଥାଟ୍ ରାଜା ଡି. କେ. ଦେବଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା। ବର୍ଷେ ତଳେ କାଶୀପୁରଠାରେ ମା' ମାଣିକେଶ୍ୱରୀ ଆଦିବାସୀ ଉଚ୍ଚ ବିଦ୍ୟାଳୟ ପ୍ରତିଷ୍ଠା ହୋଇଛି। ହେଲେ ଏଠାରୁ ପାସ୍ କରୁଥିବା ଯୁକ୍ତଦୁଇ ଛାତ୍ରୀଛାତ୍ରଙ୍କ ନିମନ୍ତେ ଡିଗ୍ରୀ କଲେଜର ସୁବିଧା ନ ଥିବା ଯୋଗୁ ଅଧିକାଂଶ ଛାତ୍ରୀଛାତ୍ର ଅଧାରୁ ପାଠ ଛାଡ଼ିବା ପାଇଁ ବାଧ ହେଉଛନ୍ତି। ତେଣୁ ଡିଗ୍ରୀ କଲେଜ ଖୋଲିବା ନିମନ୍ତେ ୫ଏକର ଜମି ଏବଂ ୫ଲକ୍ଷ ଟଙ୍କା ଜମା କରିବା ସରକାରଙ୍କ ଗାଇଡ୍‌ଲାଇନ୍ ରହିଥିବାବେଳେ ଜମି ଏବଂ ଟଙ୍କା ଯୋଗାଡ଼ ନେଇ ବୈଠକରେ ଆଲୋଚନା ହୋଇଥିଲା। ଏହି ଅବସରରେ କଲେଜ ଖୋଲିବା ନେଇ ଆବଶ୍ୟକ କାର୍ଯ୍ୟ ବୁଝିବା ନିମନ୍ତେ ଏକ ୧୧ ଜଣିଆ କମିଟି ଗଠନ କରାଯାଇଛି। ଏଥିରେ ଲୋକ ପ୍ରତିନିଧି ତଥା ରାଜନେତାମାନେ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ବୈଠକରେ ଜିଲା ପରିଷଦ ଅଧକ୍ଷ ଗଙ୍ଗାଧର ପୁଆଲା, ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଜଗଦିଶ ପାତ୍ର, ବିଧାୟକ, ଏମ୍‌ପି ପ୍ରତିନିଧି ଅଙ୍ଗଦ ନାୟକଙ୍କ ସମେତ ଟିକିରି ସରପଞ୍ଚ କୁମାରୀ ପିଡିକା, ଡଙ୍ଗାସିଲି ସରପଞ୍ଚ ନରସିଂହ ସାଉଣ୍ଟା, ଜିଲା ପରିଷଦ ସଭ୍ୟା ରତ୍ନମାଳା ପରିଚ୍ଛା ଏବଂ ଅଞ୍ଚଳର ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ଆବାହକ ମଞ୍ଚର ବସନ୍ତ ଦଣ୍ଡସେନା ଏବଂ ଅରୁଣ ନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ସାହିତ୍ୟ ଏକାଡେମୀ ସଦସ୍ୟ ବଲ୍ଲଭ ରାଉତ ସମ୍ବର୍ଦ୍ଧିତ

ଝରିଗାଁ/ଉମରକୋଟ,୮।୧୧(ସ୍ୱ.ପ୍ର)

ନବରଙ୍ଗପୁର ଜିଲା ପାଇଁ ମନୋନୀତ ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ତଥା ସାହିତ୍ୟିକ ବଲ୍ଲଭ ରାଉତଙ୍କୁ ଶନିବାର ଧୋଡ୍ରାସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ଉଚ୍ଚ ବିଦ୍ୟାଳୟ ପରସରରେ ସମ୍ବର୍ଦ୍ଧିତ କରାଯାଇଛି। ଉମରକୋଟ, ରାଇଘର ଓ ଧୋଡ୍ରା ଅଞ୍ଚଳର ୯ଗୋଟି ସାରସ୍ୱତ ଅନୁଷ୍ଠାନ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏଥିରେ କେଦାରେଶ୍ୱର ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ସେହିପରି ବାବୁରାମ ପାତ୍ର ଉଦ୍‌ଘାଟନୀ ସଙ୍ଗୀତ ପରିବେଷଣ କରିଥିବାବେଳେ ବୈକୁଣ୍ଠ ମହାପାତ୍ର ସ୍ତୋତ୍ର ଗାନ କରିଥିଲେ। ଉମରକୋଟ ଫକୀର ମୋହନ ପାଠଶାଳାର ସମ୍ପାଦକ ପ୍ରଫୁଲ୍ଲ କୁମାର ରାଉତଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ଡାକ୍ତର ସୁରେନ୍ଦ୍ରନାଥ ଦାସ, ମୁଖ୍ୟବକ୍ତା ରୂପେ କବି ଭ୍ରମରବର ଛାଟୋଇ ଏବଂ ସମ୍ମାନିତ ଅତିଥିଭାବେ ଆଇନଜୀବୀ ଶ୍ରୀନିବାସ ପଟ୍ଟନାୟକ ଯୋଗ ଦେଇଥିଲେ। ଏହି ଅବସରରେ ଲେଖକ ଗୋପାଳ ମହାରଣା, ଏମ୍. ମଧୁସ୍ମିତା ମହାରଣା, ପ୍ରଭାତୀ ଦେବନାଥ, ଦିବାକର ପରିଡ଼ା, ନଗେନ୍ଦ୍ର କୁମାର ରାଉତ, ବିବେକାନନ୍ଦ ପଟ୍ଟନାୟକ, ସମୀର କୁମାର ପ୍ରଧାନ, ବଙ୍କିମ ଚନ୍ଦ୍ର ମଣ୍ଡଳ ଉପସ୍ଥିତ ରହି ରାଉତଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଶିକ୍ଷକ ବଂଶୀଧର ଭୂୟାଁ ଏବଂ ସୁବାସ ଚନ୍ଦ୍ର ବିଷୋୟୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଜଳକଷ୍ଟ ଭୋଗୁଛନ୍ତି କୁସୁମଗୁଡ଼ାବାସୀ

ଖଇରପୁଟ,୮।୧୧(ଡି.ଏନ୍.ଏ.)

**୩ ମାସ ହେଲା ଅଚଳ ହୋଇପଡ଼ିଛି ସୌରଶକ୍ତି ଚାଳିତ ପାନୀୟ ଜଳ ପ୍ରକଳ୍ପ**

ମାଲକାନଗିରି ଜିଲା ଖଇରପୁଟ ବ୍ଲକ ପାଇକମାଳ ପଞ୍ଚାୟତ ଅଧୀନ କୁସୁମଗୁଡା ଗ୍ରାମରେ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ପକ୍ଷରୁ ୩ବର୍ଷ ତଳେ ପ୍ରତିଷ୍ଠା ହୋଇଥିବା ସୌରଶକ୍ତି ଚାଳିତ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଅଚଳ ହୋଇପଡ଼ିଛି। ଫଳରେ ୩ ମାସ ହେଲା ଗ୍ରାମବାସୀ ଜଳକଷ୍ଟ ଭୋଗୁଛନ୍ତି। ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ପାଇଁ ଲକ୍ଷାଧିକ ଟଙ୍କା ବ୍ୟୟରେ ନୂତନ ନଳକୂପ ଖନନ କରାଯାଇ ଗ୍ରାମରେ ଷ୍ଟାଣ୍ଡପୋଷ୍ଟ ଓ ପାଇପ ମଧ ବିଛାଯାଇଥିଲା। ବିଭାଗ ପକ୍ଷରୁ ରକ୍ଷଣାବେକ୍ଷଣ କରା ନ ଯିବାରୁ ଏବେ ଏହି ଜଳଯୋଗାଣ ପ୍ରକଳ୍ପ ଅଚଳ ହୋଇପଡିରହିଛି । ପାନୀୟ ଜଳ ଲାଗି ଗ୍ରାମରେ ଥିବା ୨ଟି ନଳକୂପରୁ ଗୋଟିଏ ଦୀର୍ଘଦିନ ହେଲା ଅଚଳ ହୋଇପଡିଛି । ଲୋକେ ବାଧ ହୋଇ ଗାଁରେ ଥିବା ଏକମାତ୍ର ନଳକୂପ ଉପରେ ନିର୍ଭର କରି ଚଳୁଛନ୍ତି । ଏ ନେଇ ଗ୍ରାମବାସୀ ପଞ୍ଚାୟତ, ବ୍ଲକ ଓ ବିଭାଗୀୟ ଅଧିକାରୀଙ୍କୁ ଜଣାଇ କୌଣସି ସୁଫଳ ପାଇ ନ ଥିବା ଅଭିଯୋଗ କରିଛନ୍ତି। ଫଳରେ ସେମାନେ ଗ୍ରାମ ନିକଟରେ ଥିବା ନାଳ ଓ ଝରଣାରୁ ପାନୀୟ ଜଳ ସଂଗ୍ରହ କରି ବହୁ କଷ୍ଟରେ ଚଳୁଥିବା ଗ୍ରାମର ରାମଚନ୍ଦ୍ର ଗାର୍ଡୁଆ, ତ୍ରିନାଥ ହନ୍ତାଳ, ମଧୁସୂଦନ ଖରା, ଘାସି ହନ୍ତାଳ, ମାଧବନ ହନ୍ତାଳ, ପଦ୍ମନ ଖରା, ଲକ୍ଷ୍ମଣ ଶିଗା, ଗୋପୀନାଥ ହନ୍ତାଳ, ମନ ଖରା ପ୍ରମୁଖ କହିଛନ୍ତି। ଏ ସମ୍ପର୍କରେ ଦାୟିତ୍ୱରେ ଥିବା କନିଷ୍ଠଯନ୍ତ୍ରୀଙ୍କୁ ପଚାରିବାରୁ ସେ କହିଲେ ଏହି ପ୍ରକଳ୍ପ ଇଣ୍ଟରନ୍ୟାଶନାଲ ସ୍ତରର ଏକ ଠିକା କମ୍ପାନୀ ଦ୍ୱାରା ନିର୍ମାଣ କରାଯାଇଥିଲା । ଉକ୍ତ କମ୍ପାନୀ ପକ୍ଷରୁ ତୁରନ୍ତ ଏହାର ମରାମତି କରାଯିବ ।

## ଲୋକଙ୍କ ସମସ୍ୟା ବୁଝିଲେ ଏମ୍‌ପି, ବିଧାୟକ

**ଚନ୍ଦାହାଣ୍ଡି, ୮।୧୧(ଡି.ଏନ୍.ଏ.)**

ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି ଏବଂ ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି ରବିବାର ଚନ୍ଦାହାଣ୍ଡି ବ୍ଲକ ଶରଧାପୁର ଗ୍ରାମ ପରିଦର୍ଶନ କରିଛନ୍ତି। ଲୋକଙ୍କ ସହ ସେମାନଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିବା ସହ ସେଠାରେ ନୂତନ ଭାବେ ନିର୍ମାଣ ହୋଇଥିବା ଛୋଟିଆ ମାହୁଲି ମନ୍ଦିର ଉଦ୍‌ଘାଟନ କରିଛନ୍ତି। ଏମ୍‌ପି ମାଝି ବିଧାୟକ ଥିବା ସମୟରେ ଏହି ମନ୍ଦିର ପାଇଁ ବିଧାୟକ ଫାଣ୍ଡିରୁ ଏକ ଲକ୍ଷ ତିରିଶ ହଜାର ଟଙ୍କା ଅନୁଦାନ ଦେଇଥିବା ପୂଜକ କଦମ ପୂଜାରୀ କହିଛନ୍ତି। ପୂଜକ କଦମ ପୂଜାରୀ ଏବଂ ମାର୍କଣ୍ଡ ପୂଜାରୀ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ଚନ୍ଦାହାଣ୍ଡି ଅଞ୍ଚଳରେ ଜଳସେଚନ ସୁବିଧା କରି ମରୁଡି ପରିସ୍ଥିତିକୁ ଏଡାଇବାକୁ ଲୋକମାନେ ଏମ୍‌ପି ଓ ବିଧାୟକଙ୍କୁ ନିବେଦନ କରିଥିଲେ। ଖୁବ ଶୀଘ୍ର ଏହାର ବ୍ୟବସ୍ଥା କରାଯିବ ବୋଲି ସେମାନେ ପ୍ରତିଶ୍ରୁତି ଦେଇଛନ୍ତି। ଦଳୀୟ ସଙ୍ଗଠନକୁ ସୁଦୃଢ଼ କରିବାକୁ ସମସ୍ତେ ଆଗେଇ ଆସିବା ଦରକାର ବୋଲି ସେ କର୍ମୀମାନଙ୍କୁ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ଏମ୍‌ପିଙ୍କ ପ୍ରତିନିଧି ପ୍ରମୋଦ କୁମାର ପାଢୀ ବ୍ଲକ ବିଜେଡି ସଭାପତି ଗୌରହରି ନାୟକ, ପୁରୁଷୋତ୍ତମ ପାରି, ନୀଳମଣି ଗୌଡ, ତୁଳା ବାଗ, ଷଷ୍ଠୀ ଗୋପାଳ, ହାପୁଆ ପୂଜାରୀ, ବଳଭଦ୍ର ବିଶୋଇ ପ୍ରମୁଖ ଉପସ୍ଥିତ ଥିଲେ।

## ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କଲେ ଏମ୍‌ପି



ପଞ୍ଚାୟତ ସମିତି ବୈଠକରେ ଉପସ୍ଥିତ ଅତିଥି।

କାଲିମେଳା,୮।୧୧(ଡି.ଏନ.ଏ.)

**ପଞ୍ଚାୟତ ସମିତି ବୈଠକ**

ମାଲକାନଗିରି ଜିଲା କାଲିମେଳା ପଞ୍ଚାୟତ ସମିତି ବୈଠକ ଶନିବାର ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଛି । ବିଡିଓ ଉମା ଶଙ୍କର ଦଳାଇଙ୍କ ଉପସ୍ଥିରେ ହୋଇଥିବା ଏହି ବୈଠକରେ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି ମୁଖ୍ୟଅତିଥି, ସମ୍ମାନିତ ଅତିଥି ରୂପେ ମାଲକାନଗିରି ବିଧାୟକ ଅଦିତ୍ୟ ମାଢି, ଜିଲା ପରିଷଦ ଅଧକ୍ଷ ଦଶରଥ ପଡିଆମି, ବ୍ଲକ ଅଧକ୍ଷ ମାଲା ମାଢି, ଜିଲ୍ଲା ପରିଷଦ ସଭ୍ୟ ଉତ୍ତମ ରାୟ, ସମିର ମିସ୍ତ୍ରୀ, ସଭ୍ୟା ପ୍ରମିଳା ଦାସ,ମୋଟୁ ତହସିଲଦାର ଶଶାଙ୍କ ମିଶ୍ର, ବ୍ଲକ ସାଂସଦ ପ୍ରତିନିଧି ଇ. ଭେଙ୍କଟ ରାଓ ପ୍ରମୁଖ ଉପସ୍ଥିତ ଥିଲେ। ଏମ୍‌ପି ବ୍ଲକର ୨୩ଟି ପଞ୍ଚାୟତର ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଥିଲେ। ଶିକ୍ଷା,ସ୍ୱାସ୍ଥ୍ୟ, ରାସ୍ତାଘାଟ, ପାନୀୟଜଳ, କୃଷକ ସମସ୍ୟା, ଧାନମଣ୍ଡି, ଏମଜିଏନଆରଜିଏସ୍ କାର୍ଯ୍ୟ ସମ୍ପର୍କରେ ଉପସ୍ଥିତ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ । ଧାନମଣ୍ଡି ସମସ୍ୟା ନେଇ ଉଭୟ କୃଷି ଏବଂ ଲ୍ୟାମ୍ପ କର୍ମଚାରୀଙ୍କୁ ଲୋକ ପ୍ରତିନିଧିମାନେ ଘେରିଥିଲେ। ମୋଟୁ ଏବଂ ପୁଶୁଗୁଡା ପଞ୍ଚାୟତକୁ ପ୍ରଶାସନ ବର୍ତ୍ତମାନ ସୁଦ୍ଧା ୟୁରିଆ ସାର ଯୋଗାଇଦେଇନି। ଫଳରେ ଚାଷୀମାନେ କିପରି ଚାଷ କାର୍ଯ୍ୟ କରିବେ ବୋଲି ପୁଶୁଗୁଡା ସରପଞ୍ଚ ରାମା ରାବା ବୈଠକରେ ପ୍ରଶ୍ନ ଉଠାଇଥିଲେ। ଗ୍ରାମାଞ୍ଚଳରେ ପାନୀୟଜଳ ସମସ୍ୟା, ମିନି ଜଳ ପ୍ରକଳ୍ପ ଚଳାଇବାରେ ଅବ୍ୟବସ୍ଥା ନେଇ ବୈଠକରେ ଆଲୋଚନା ହୋଇଥିଲା। ଶିକ୍ଷା ବିଭାଗ ଟୁଗଲ ପଞ୍ଚାୟତରେ ଗୋଟିଏ ହାଇସ୍କୁଲ ପ୍ରତିଷ୍ଠା କରିବାକୁ ସରପଞ୍ଚ ପ୍ରସ୍ତାବ ଦେଇଥିବା ବେଳେ ଏମଭି-୫୫ ବିଦ୍ୟାଳୟରେ କେହି ଶିକ୍ଷକ ରହୁ ନ ଥିବା ପ୍ରତିନିଧି ମାନେ ଅଭିଯୋଗ କରିଥିଲେ । ବୈଠକରେ ବ୍ଲକର ସମସ୍ତ ସରପଞ୍ଚ, ସମିତିସଭ୍ୟ, ପିଇଓ, ଜେଇ, ମେଡିକାଲ ଅଫିସର ଉପସ୍ଥିତ ଥିଲେ।

## ନବରଙ୍ଗପୁରରେ 'ଥ୍ରୀଲର'ର ନାୟକ ରକ୍ କଚ୍ଛି

**ନବରଙ୍ଗପୁର, ୮।୧୧(ବି.ପ୍ର.)**



ବଲିଉଡର ପ୍ରସିଦ୍ଧ ନିର୍ଦ୍ଦେଶକ ରାମଗୋପାଳ ବର୍ମାଙ୍କ ନୂତନ ଫିଲ୍ମ 'ଥ୍ରୀଲର'ର ମୁଖ୍ୟ ନାୟକ ୱାଜିଦ୍ ମେମନ୍ ଓରଫ୍ ରକ୍ କଚ୍ଛି ଏବେ ନବରଙ୍ଗପୁର ଜିଲା ଉମରକୋଟସ୍ଥିତ ମାମୁଘରେ। ଜଣେ ଅଭିଜ୍ଞ ତଥା ପ୍ରସିଦ୍ଧ ନିର୍ଦ୍ଦେଶକଙ୍କ ଫିଲ୍ମରେ ଅଭିନୟ କରି ଖୁବ୍ କମ୍ ଦିନରେ ଏହି କ୍ଷେତ୍ରରେ ନିଜ ପରିଚୟ ସୃଷ୍ଟିକରି ପାରିଥିବା ଅଭିନେତା ରକ୍ କଚ୍ଛି ନିଜ ମାମୁଙ୍କ ବିବାହ ଉତ୍ସବରେ ଯୋଗ ଦେବାକୁ ଉମରକୋଟ ଆସିଛନ୍ତି। ଏଠାରେ ଜନ୍ମଗ୍ରହଣ କରିଥିବା ୱାଜିଦ୍ ମେମନ୍ ପିଲାଟି ଦିନରୁ ହିଁ ଫିଲ୍ମରେ କାମ କରିବା ନେଇ ସ୍ୱପ୍ନ ଦେଖିଥିଲେ। ନିଜ ବାଲ୍ୟ ସମୟ ଉମରକୋଟସ୍ଥିତ ମାମୁଘରେ କଟାଇଥିବା ୱାଜିଦ୍ ପରେ କ୍ୟାରିୟର ଗଢ଼ିବା ପାଇଁ ମହାରାଷ୍ଟ୍ର ଯାଇଥିଲେ। ତାଙ୍କ ବାପା ୟାସିମ୍ କଚ୍ଛି ଜଣେ ବ୍ୟବସାୟୀ ହୋଇଥିବାରୁ ସେଠାରେ ରହି ନିଜ କ୍ୟାରିୟର ଗଢ଼ିବା ସହ ରାମଗୋପାଳ ବର୍ମାଙ୍କ ନୂତନ ଫିଲ୍ମ 'ଥ୍ରୀଲର'ରେ ଅଭିନୟ କରିବା ସୁଯୋଗ ପାଇଥିଲେ। ଓଡ଼ିଶାରେ ଜନ୍ମ ଗ୍ରହଣ କରିଥିବାରୁ ଏହା ପ୍ରତି ମୋର ଦୁର୍ବଳତା ରହିଛି। ଓଡ଼ିଶାବାସୀଙ୍କ ପାଇଁ କିଛି କରିବାକୁ ଚାହୁଁଛି। ଆଗାମୀ ଦିନରେ ଓଡ଼ିଶାର ଯୁବ କଳାକାରଙ୍କୁ ବଲିଉଡରେ ସାମିଲ କରାଇବାକୁ ସେମାନଙ୍କ ପାଇଁ ଏକ ସୁଯୋଗ ସୃଷ୍ଟି କରିବାକୁ ବ୍ୟବସ୍ଥା କରିବି ବୋଲି ସେ କହିଛନ୍ତି। ଓଡ଼ିଶାରୁ କିଭଳି ଅଧିକ ସଂଖ୍ୟାରେ କଳାକାର ବଲିଉଡରେ ନିଜ ପରିଚୟ ସୃଷ୍ଟି କରିବେ ସେଥିପ୍ରତି ବିଶେଷ ଦୃଷ୍ଟି ଦେବି ବୋଲି ସେ କହିଛନ୍ତି।

## ଅବକାରୀ ଚଢ଼ାଉ

ସେମିଳିଗୁଡା,୮।୧୧(ସ୍ୱ.ପ୍ର)

କୋରାପୁଟ ଜିଲା ସେମିଳିଗୁଡା ବ୍ଲକ ଅନ୍ତର୍ଗତ ଦୁଧାରି ପଞ୍ଚାୟତରେ ଅବକାରୀ ବିଭାଗ ଚଢ଼ାଉ କରି ୩ ହଜାର ଲିଟରରୁ ଊର୍ଦ୍ଧ୍ୱ ମହୁଲି ପୋଚ ସହ ୩୨୦ ଲିଟର ଦେଶୀ ମଦ ଜବତ କରିଛି। କୋରାପୁଟ, ଜୟପୁର ଏବଂ ଲକ୍ଷ୍ମୀପୁର ଅବକାରୀ ବିଭାଗ ପକ୍ଷରୁ ମିଳିତ ଚଢ଼ାଉ କରାଯାଇଥିଲା। ଓଆଇସି ବିବେକାନନ୍ଦ ପେରାଇ ଓ ସରୋଜ କୁମାର ପରିଡ଼ା ନେତୃତ୍ୱ ନେଇଥିଲେ। ଏଏସଆଇ ଲକ୍ଷ୍ମଣ ରାଓ, ପ୍ରଶାନ୍ତ କୁମାର ନାୟକ, ଆର. ଭେଙ୍କଟେଶ କୁମାର, ରାମଚନ୍ଦ୍ର ଗୌଡ଼ଙ୍କ ସମେତ ଅନ୍ୟମାନେ ସାମିଲ ହୋଇଥିଲେ।

## ରାୟଗଡ଼ା ଜିଲାରୁ ୯ ନୂଆ ସଂକ୍ରମିତ

ରାୟଗଡ଼ା ଅଫିସ,୮।୧୧

ରାୟଗଡ଼ା ଜିଲାରୁ ରବିବାର ୯ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏଥିରେ ଜିଲାର କାଶୀପୁର ବ୍ଲକ୍‌ରୁ ୩ଜଣ, ରାୟଗଡ଼ା ସହରାଞ୍ଚଳରୁ ୩, ବିଷମକଟକରୁ ଜଣେ, ମୁନିଗୁଡ଼ାରୁ ଜଣେ ଏବଂ ରାୟଗଡ଼ା ଗ୍ରାମାଞ୍ଚଳରୁ ଜଣେ ରହିଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୮୧୭୧ରେ ପହଞ୍ଚିଛି। ସେଥିମଧ୍ୟରୁ ୮୦୧୮ଜଣ ସୁସ୍ଥହୋଇ ଫେରିଥିବାବେଳେ ୪୨ଜଣଙ୍କ କରୋନା ଜନିତ ମୃତ୍ୟୁ ଘଟିଛି। ଜିଲାରେ ଆଉ ୧୧୧ ସକ୍ରିୟ ସଂକ୍ରମିତ ଚିକିତ୍ସିତ ଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

## ପରିବେଶ ବିଜ୍ଞାନୀ ପାଇଁ ଅଭିରୁଚି ଦରକାର

**ନବରଙ୍ଗପୁର,୮।୧୧(ବି.ପ୍ର.)**

ସାମ୍ପ୍ରତିକ ପରିସ୍ଥିତିରେ ପ୍ରତ୍ୟେକ ବିଦ୍ୟାର୍ଥୀ ପରିବେଶ ବିଜ୍ଞାନ ଆହରଣ ସହ ପରିବେଶ ବିଜ୍ଞାନ ପ୍ରତି ଅଧିକ ଆକୃଷ୍ଟ ହେବା ଦରକାର ବୋଲି ରାଷ୍ଟ୍ରୀୟ ବନସ୍ପତି ଗବେଷଣା ସଂସ୍ଥାନ ନିର୍ଦ୍ଦେଶକ ପ୍ରଫେସର ସରୋଜକାନ୍ତ ବାରିକ 'ମୁଁ ବି ସମର୍ଥ' କ୍ୟାରିୟର ବିକାଶ କାର୍ଯ୍ୟକ୍ରମର ଦଶମ ଭାଗରେ ଯୋଗଦେଇ ପରାମର୍ଶ ଦେଇଛନ୍ତି। ଅର୍ଥନୀତି, ଆଇନ, ସମାଜ ବିଜ୍ଞାନ, ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଜୀବ ବିଜ୍ଞାନ ଓ ବନସ୍ପତି ବିଜ୍ଞାନ ଭଳି ପାଠ୍ୟକ୍ରମ ଦ୍ୱାରା ଜଣେ ପରିବେଶ ବିଜ୍ଞାନୀ ହୋଇପାରିବେ ବୋଲି ପ୍ରଫେସର ବାରିକ କହିଛନ୍ତି। ଶିଳ୍ପାୟନ ବଢୁଥିବାରୁ ଶିଳ୍ପ ସଂସ୍ଥାରେ ପରିବେଶ ବିଜ୍ଞାନର ଚାହିଦା ବୃଦ୍ଧି ପାଇବାରେ ଲାଗିଛି। ବିଦ୍ୟାର୍ଥୀଙ୍କ ପାଇଁ ଶିଳ୍ପ ସଂସ୍ଥାରେ ଅନେକ ସୁଯୋଗ ରହିଛି ବୋଲି ଜେଏସ୍‌ଡବ୍ଲୁ ମୁମ୍ବାଇର ଜେନେରାଲ ମ୍ୟାନେଜର ଡ. ଆନନ୍ଦ ରାଜ କହିଛନ୍ତି। ଚେନ୍ନାଇସ୍ଥିତ ଭାରତୀୟ କୃଷି ଗବେଷଣା ସଂସ୍ଥାନ ଅଧୀନ କେନ୍ଦ୍ରୀୟ କ୍ଷାରଜଳ ଜୀବ ପରିପୋଳନ ସଂସ୍ଥାନର ପ୍ରଧାନ ବୈଜ୍ଞାନିକ ଡ. ସରସ୍ୱତୀ ଆର୍ ଯୋଗଦେଇ ଜୀବ ବିଜ୍ଞାନରେ ରହିଥିବା ସୁଯୋଗ ସମ୍ପର୍କରେ ପ୍ରକାଶ କରିଥିଲେ। ପରିବେଶ ବିଜ୍ଞାନୀ ପାଇଁ ସିଏସ୍ଆଇଆର୍, ଆଇସିଏଆର୍, ଶିଳ୍ପ ସଂସ୍ଥା, ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟରେ ଗବେଷକ ହେବା ସହ ଅଧ୍ୟାପନାରେ ଯୋଗଦେଇ ପାରିବେ ବୋଲି ଭୁବନେଶ୍ୱରସ୍ଥିତ ସିଏସ୍ଆଇଆଇଏମ୍ଏମ୍‌ଟି ସଂସ୍ଥା ପ୍ରଧାନ ବୈଜ୍ଞାନିକ ଡ. ମନୀଷ କୁମାର ସୂଚନା ଦେଇଛନ୍ତି। ଗୁଜରାଟ ଆନନ୍ଦସ୍ଥିତ ନଧୁବାଇ ପଟେଲ କଲେଜ ଆସିଷ୍ଟାଣ୍ଟ ପ୍ରଫେସର ସୁସ୍ମିତା ସାହୁ, କାର୍ଯ୍ୟକ୍ରମ ସଂଯୋଜକ ଲକ୍ଷ୍ମୀ ନାରାୟଣ ବକ୍ସି ଉପସ୍ଥିତ ଥିଲେ। ୱେବିନାରରେ ଓଡ଼ିଶା, ତାମିଲନାଡୁ, ମହାରାଷ୍ଟ୍ର, ଗୁଜରାଟର ଛାତ୍ରୀଛାତ୍ର କ୍ୟାରିୟର ସମ୍ବନ୍ଧରେ ପ୍ରଶ୍ନ ପଚାରିଥିଲେ।

# ମହିଳାଙ୍କୁ ରୋଜଗାର ଦେଉଛି କାଜୁ

ଜୟପୁର,୮।୧୧(ନି.ପ୍ର.)


ମହିଳାମାନେ ରାସ୍ତା ପାର୍ଶ୍ୱରେ ବିକ୍ରି କରୁଥିବ କଞ୍ଚା କାଜୁ।

ବଜାରରେ ଶୁଖିଲା ହେଉ କି କଞ୍ଚା କାଜୁର ଚାହିଦା ସବୁବେଳେ ରହିଛି। ରୋଷେଇ ହେଉ କି ଭୋଜିଭାତରେ ସବୁଠି ରହିଛି କାଜୁର ଆଦର। କୋରାପୁଟ ଜିଲାରେ ମଧ କାଜୁର ରହିଛି ବିଶେଷ ଚାହିଦା। ବଜାରରେ ଶୁଖିଲା କାଜୁର ଦର ଅଧିକ ଥିବାରୁ କଞ୍ଚା କାଜୁକୁ ଲୋକେ ଆଣି ବ୍ୟବହାର କରିଥାନ୍ତି। ଜିଲାର ଜୟପୁର, ବୋରିଗୁମ୍ମା ଓ କୋଟପାଡ଼ ବ୍ଲକରେ ଏବେ ଦେଖିବାକୁ ମିଳୁଛି କଞ୍ଚା କାଜୁର ପସରା। ଜୟପୁର ଓ ବୋରିଗୁମ୍ମା ସହରର ରାସ୍ତା କଡରେ ଆଦିବାସୀ ମହିଳାମାନେ ସେମାନଙ୍କ ନିତିଦିନିଆ ବ୍ୟବସାୟ ରୂପେ ଏହି କଞ୍ଚା କାଜୁକୁ ବାଛି ନେଇଛନ୍ତି। ପ୍ରତ୍ୟହ ୧ହଜାରରୁ ୧୫ଶହ ଟଙ୍କା ପର୍ଯ୍ୟନ୍ତ ବିକ୍ରି କରି ସେଥିରୁ ୩/୪ଶହ ଟଙ୍କା ରୋଜଗାର କରିପାରୁଛନ୍ତି। ବର୍ଷା ଦିନେ ଗଛରୁ କାଜୁ ତୋଳି ଆଣି ଏହାର ଚୋପା ବାହାର କରାଯାଏ ଓ ପରେ ବିକ୍ରି କରାଯାଏ। ଏହାବ୍ୟତୀତ ଅନେକ ମହିଳା କାଜୁ ଫ୍ୟାକ୍ଟ୍ରିରୁ ଶୁଖିଲା ଚୋପା ଥିବା କାଜୁ କିଣି ଆଣି ତାକୁ ଦୁଇଦିନ ପର୍ଯ୍ୟନ୍ତ ପାଣିରେ ବୁଡାଇ ରଖନ୍ତି। ପରେ ସେଥିରୁ ଚୋପା ବାହାର କରି ଏହାକୁ କିଲୋ ପିଛା ଶହେ ଟଙ୍କାରେ ବିକିଥାନ୍ତି ଏମାନେ। ବଜାରରେ ଶୁଖିଲା କାଜୁ କିଲୋ ପିଛା ୮୦୦ରୁ ହଜାର ଟଙ୍କାରେ ବିକ୍ରି ହେଉଥିବା ବେଳେ କଞ୍ଚା କାଜୁ ୨୬୦ ଟଙ୍କାରେ ବିକ୍ରି ହେଉଛି। ଜିଲାରେ ପ୍ରଚୁର ପରିମାଣରେ କାଜୁ ଅମଳ ହେଉଥିବାରୁ କଞ୍ଚାମାଲ ମିଳିବାରେ କୌଣସି ଅସୁବିଧା ନାହିଁ। କାଜୁଚାଷକୁ ଅଧିକ ପ୍ରୋତ୍ସାହନ ମିଳିଲେ ଏହା ଅଧିକ ସଂଖ୍ୟକ ମହିଳାଙ୍କୁ ରୋଜଗାର ଯୋଗାଇ ସ୍ୱାବଲମ୍ବୀ କରିପାରିବ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି।

